# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**07 October - 2023**

**News Editor : TAPAN KUMAR MAHARANA**

*************************************

## ମୁଖ୍ୟ ସମ୍ବାଦ

- ଏସୀୟ କ୍ରୀଡ଼ାରେ ଭାରତର ରୋମାଞ୍ଚକର ପ୍ରଦର୍ଶନ

– ୧୦୭ ମେଡାଲ ହାସଲ କରି ଭାରତ ଭାଙ୍ଗିଲା ସର୍ବକାଳୀନ ରେକର୍ଡ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା ଖେଳାଳିମାନଙ୍କୁ ଆସନ୍ତା ୧୦ ତାରିଖରେ ଭେଟି ପ୍ରଦାନ କରିବେ ଆତିଥ୍ୟ

- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ୧୭୫ କୋଟି ୫୦ ଲକ୍ଷ ଟଙ୍କାର ଅତିରିକ୍ତ ଅନୁଦାନକୁ ମଞ୍ଜୁରୀ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

- ଜୟଦେବଭବନରେ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଅନୁଷ୍ଠିତ

ଏବଂ

- ସିକିମରେ ସହିଦ ହୋଇଥିବା ଓଡ଼ିଆ ଯବାନଙ୍କ ମୃତଦେହ ପହଁଞ୍ଚିଲା ତାଙ୍କ ପୈତୃକ ଗାଁ; ଆଉ କିଛି ସମୟ ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ ସମ୍ପନ୍ନ

# ଏସୀୟ କ୍ରୀଡ଼ା

ଚୀନ୍‌ର ହ୍ୱାଙ୍ଗ୍‌ଝୌ ସହରରେ ଚାଲିଥିବା ଏସୀୟ କ୍ରୀଡ଼ା-୨୦୨୩ ଭାରତର କ୍ରୀଡ଼ା ଇତିହାସକୁ ରୋମାଞ୍ଚିତ କରିଛି । ଗୋଟିଏ ପରେ ଗୋଟିଏ ରେକର୍ଡ ଭାରତର ଇତିହାସରେ ଯୋଡ଼ି ହୋଇଛି । ୭୦ ବର୍ଷର ରେକର୍ଡକୁ ଭାଙ୍ଗି ଭାରତ ଏହି କ୍ରୀଡ଼ାରେ ୧୦୦ତମ ମେଡାଲ ଆଜି ହାସଲ କରିବାରେ ସମର୍ଥ ହୋଇଛି । ମହିଳା କବାଡ଼ି ଟିମ୍ ଚୀନ୍ ତାଇପେଇ ଦଳକୁ ପରାସ୍ତ କରିବା ଫଳରେ ସ୍ୱର୍ଣ୍ଣ ପଦକ ହାସଲ କରି ଭାରତକୁ ଏହି ଐତିହାସିକ ମୁହୂର୍ତ୍ତ ଆଣିଦେଇଛି ।

ଆଜି ଗୋଟିଏ ଦିନରେ ୬ଟି ସ୍ୱର୍ଣ୍ଣ ପଦକ ପାଇଛି ଭାରତ । ଦେଶ ଆଜି ତୀଳଚାଳନା, କବାଡି, ବ୍ୟାଡମିଣ୍ଟନ ଓ କ୍ରିକେଟରେ ସ୍ୱର୍ଣ୍ଣ ପଦକ ଜିତିଛି । ତୀରଚାଳନାରେ କମ୍ପାଉଣ୍ଡ୍ ମହିଳା ବ୍ୟକ୍ତିଗତ ବର୍ଗରେ ଜ୍ୟୋତି ସୁରେଖା ସ୍ୱର୍ଣ୍ଣ ଜିତିଛନ୍ତି । ସେହିପରି କମ୍ପାଉଣ୍ଡ ପୁରୁଷ ବ୍ୟକ୍ତିଗତ ବର୍ଗରେ ଓଜାସ୍ ପ୍ରବୀଣଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି ।

ବ୍ୟାଡମିଣ୍ଟନ ପୁରୁଷ ଡବଲ୍ସରେ ମଧ୍ୟ ଭାରତ ଲାଗି ସ୍ୱର୍ଣ୍ଣ ପଦକ ଆଣିଛନ୍ତି ସ୍ୱାସ୍ତିକ୍ ସାଇରାଜ୍ ଏବଂ ଚିରାଗ ସେଟ୍ଟୀ ଯୋଡ଼ି । ଫାଇନାଲରେ

ଦକ୍ଷିଣ କୋରିଆ ଯୋଡ଼ି ଚୋୟି ସୋଲଗାୟୁ ଓ କିମ୍ ଓନୋଙ୍କୁ ପରାସ୍ତ କରି ବାଜି ମାରିଛନ୍ତି ଭାରତୀୟ ଯୋଡ଼ି । ଅନ୍ୟପକ୍ଷରେ ଆଜି ମହିଳା ଓ ପୁରଷ କବାଡ଼ି ଟିମ୍ ଇଭେଣ୍ଟରେ ମଧ୍ୟ ଭାରତକୁ ସ୍ୱର୍ଣ୍ଣ ପଦକ ମିଳିଛି ।

ପୁରୁଷ ବର୍ଗ କବାଡ଼ି ଫାଇନାଲ ମ୍ୟାଚରେ ଇରାନକୁ ୩୩-୨୯ରେ ପରାସ୍ତ କରି ଭାରତ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛି ।

ସେହିପରି ଏସୀୟ କ୍ରୀଡ଼ା ପୁରୁଷ କ୍ରିକେଟରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳିଛି । ଆଫଗାନିସ୍ତାନ ବିପକ୍ଷ ଫାଇନାଲ ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବାତିଲ୍ ହେବା ପରେ ଭଲ ରାଙ୍କିଂ ଅନୁସାରେ ଭାରତକୁ ସ୍ୱର୍ଣ୍ଣ ପଦକ ବିଜେତା ଘୋଷଣା କରାଯାଇଥିଲା । ତେବେ ଆଜି ମୋଟ ୬ ସ୍ୱର୍ଣ୍ଣ ପଦକ ସହ ଭାରତ ୨୮ଟି ସ୍ୱର୍ଣ୍ଣ ପଦକ ୩୮ ରୌପ୍ୟ, ୪୧ ବ୍ରୋଞ୍ଜ ପଦକ ନିଜ ନାମରେ କରିଛି । ମୋଟ ପଦକ ସଂଖ୍ୟା ୧୦୭ରେ ପହଁଞ୍ଚିଛି ।

***PIB***

## ପ୍ରଧାନମନ୍ତ୍ରୀ– ଏସୀୟ କ୍ରୀଡ଼ା ଆତିଥେୟତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୦ ତାରିଖ ଦିନ ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା ଖେଳାଳି ମାନଙ୍କୁ ଆତିଥ୍ୟ ପ୍ରଦାନ କରିବା ସହ ସେମାନଙ୍କ ସହ ଆଲୋଚନା କରିବେ । ଆମର ଅଦ୍ଭୁତ କ୍ରୀଡ଼ାବିତ୍ ମାନଙ୍କୁ ମୁଁ ମୋର ହୃଦୟରୁ ଅଭିନନ୍ଦନ ଜଣାଉଛି । ଯେଉଁମାନଙ୍କର ଉଦ୍ୟମ ପାଇଁ ଏହି ଐତିହାସିକ ମାଇଲଖୁଣ୍ଟକୁ ଛୁଇଁଛି ବୋଲି ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ସେ କହିଛନ୍ତି, ପ୍ରତ୍ୟେକ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ ଇତିହାସ ସୃଷ୍ଟି କରିଛି ଏବଂ ଆମ ହୃଦୟକୁ ଗର୍ବରେ ପରିପୂର୍ଣ୍ଣ କରିଛି । ଆମ କ୍ରୀଡ଼ାବିତ୍ ମାନେ ଏସୀୟ କ୍ରୀଡ଼ାରେ ୧୦୦ ପଦକ ମାଇଲଖୁଣ୍ଟ ଅତିକ୍ରମ କରିଥିବାରୁ ଦେଶ ଆନନ୍ଦିତ ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତା ୧୦ ତାରିଖ ଦିନ ଏସୀୟ କ୍ରୀଡ଼ାରେ ଭାଗ ନେଇଥିବା

ଦଳକୁ ଆତିଥେୟତା କରିବା ଓ ସେମାନଙ୍କ ସହ ଆଲୋଚନା କରିବାକୁ ସେ ଉତ୍ସାହିତ ଅଛନ୍ତି।

*PIB*

## ଅନୁରାଗ ଠାକୁର- ଏସୀୟ କ୍ରୀଡ଼ା

ଏସୀୟ କ୍ରୀଡ଼ାରେ ଭାରତର ଅପୂର୍ବ ସଫଳତା ପାଇଁ ହୋଇଥିବାରୁ କେନ୍ଦ୍ର ଯୁବ ଓ କ୍ରୀଡ଼ା ମନ୍ତ୍ରୀ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୧୪୦ କୋଟି ଭାରତୀୟଙ୍କ ତରଫରୁ ସମସ୍ତ ଖେଳାଳିଙ୍କୁ ସେ ଶୁଭେଚ୍ଛା ଜଣାଉଛନ୍ତି ବୋଲି କହିଛନ୍ତି। ଏସୀୟ କ୍ରୀଡ଼ାରେ ହକି ଦଳ ବହୁତ ଭଲ ପ୍ରଦର୍ଶନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦୂରଦୃଷ୍ଟି ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୁବିଧା ଏବଂ ଆମ ଖେଳାଳିଙ୍କ କଠିନ ପରିଶ୍ରମ ଓ ସଂକଳ୍ପ ଯୋଗୁଁ ଭାରତ ୧୦୦ ପଦକ ଜିତିବା ସୁନିଶ୍ଚିତ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ 'ଖେଲୋଗେ ତୋ, ଖିଲୋଗେ' ସ୍ଲୋଗାନ ଦେଇ କହିଥିଲେ, ଚିନ୍ତାଧାରାରେ ପରିବର୍ତ୍ତନ ଓ ସୁବିଧା ପ୍ରଦାନ ଦ୍ୱାରା ଫଳାଫଳ ଆସିବ ଏବଂ ଏହା ଆଜି ପରିଲକ୍ଷିତ ହେଉଛି।

*I&PR*

## ମୁଖ୍ୟମନ୍ତ୍ରୀ– ଅତିରିକ୍ତ ଅନୁଦାନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଇଁ ୧୭୫ କୋଟି ୫୦ ଲକ୍ଷ ଟଙ୍କାର ଅତିରିକ୍ତ ଅନୁଦାନକୁ ଆଜି ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆଦିବାସୀଙ୍କ ଭାଷା, କଳା, ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ପାଇଁ ଏହି ଅର୍ଥ ଖର୍ଚ୍ଚ ହେବ। ଚଳିତ ବର୍ଷର ସ୍ୱାଭାବିକ ଅନୁଦାନ

ସହିତ ୧୭୫ କୋଟି ୫୦ ଲକ୍ଷ ଟଙ୍କାର ଅତିରିକ୍ତ ଅନୁଦାନ ମଞ୍ଜୁରୀ କରାଯାଇଥିବା ସୂଚନା ମିଳିଛି। ଫାଇଭ୍-ଟି ସଚିବ ଭି.କେ.ପାଣ୍ଡିଆନ୍ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମାନଙ୍କ ସହ ଆଲୋଚନା କରିବା ସମୟରେ ଏହି ସୂଚନା ଦେଇଛନ୍ତି। ଏହାଦ୍ୱାରା ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ଚଳିତ ବର୍ଷ ସମୁଦାୟ ୩୫୧ କୋଟି ଟଙ୍କାର ଅନୁଦାନ ମିଳିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ୯ଟି ଜିଲ୍ଲା କୋରାପୁଟ, ମାଲକାନଗିରି, ଗଜପତି, ମୟୁରଭଞ୍ଜ, ରାୟଗଡ଼ା, କେନ୍ଦୁଝର, କନ୍ଧମାଳ, ସୁନ୍ଦରଗଡ଼ ଓ ନବରଙ୍ଗପୁର ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି।

***PIB***

## ପ୍ରଧାନମନ୍ତ୍ରୀ- ସମୀକ୍ଷା ବୈଠକ

ଚଳିତ ବର୍ଷ ସ୍ୱାଧୀନତା ଦିବସରେ ନୂଆଦିଲ୍ଲୀ ସ୍ଥିତ ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ଭାଷଣ ଦେଇଥିଲେ, ସେଗୁଡ଼ିକର ସମୀକ୍ଷା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ପ୍ରଧାନମନ୍ତ୍ରୀ ଗରିବ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କ ଗୃହ ପାଇଁ ସୁଲଭ ଋଣ ପ୍ରଦାନ, ପରିବାର ମାନଙ୍କ ପାଇଁ ସୌରଶକ୍ତି ସୁନିଶ୍ଚିତ କରିବା ଆଦି ବିଷୟ ଉପରେ ଉଲ୍ଲେଖ କରିଥିଲେ। ତେବେ ଏହି ଘୋଷଣାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆଜି ସେ ଏହି ବୈଠକରେ ସମୀକ୍ଷା କରିଥିବା ସୂଚନା ମିଳିଛି।

*Desk*

## ମାଧ୍ୟମିକ ଶିକ୍ଷା ପରିଷଦ

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଜ୍ୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଷାଣ୍ମାସିକ ପରୀକ୍ଷା ଆଜି ଶେଷ ହୋଇଛି । ଗତ ୪ ତାରିଖରୁ ଏହି ପରୀକ୍ଷା ହାଇସ୍କୁଲ ଓ ସଂସ୍କୃତ ଟୋଲରେ  ଆରମ୍ଭ ହୋଇ ଆଜି ଶେଷ ହୋଇଛି । ତେବେ ପରିଷଦ ପକ୍ଷରୁ କୁହାଯାଇଛି, ୟୁଟ୍ୟୁବ ଚ୍ୟାନେଲରେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଏହାର ଉତ୍ତର ଅପଲୋଡ ହୋଇଥିବା ଅଭିଯୋଗ ହୋଇଛି । ତେଣୁ ଏହି ଘଟଣାର ସତ୍ୟତା ଜାଣିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ରାଜ୍ୟ ସାଇବର ଥାନା, କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ କରି ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଅନୁରୋଧ କରାଯାଇଛି ।

*HS*

## ବନ କର୍ମଚାରୀ

ଆଜି ସ୍ଥାନୀୟ ଜୟଦେବ ଭବନରେ ରାଜ୍ୟ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି, ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପ୍ରଦିପ କୁମାର ଅମାତ୍ ଓ  ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବନ୍ୟପ୍ରାଣୀ ତଥା ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ।

ଏହି ଅବସରରେ ବନ କର୍ମଚାରୀଙ୍କୁ ପୋଲିସ କ୍ଷମତା ମିଳିବ ବୋଲି ଜଣାପଡ଼ିଛି ।। ବନ ଅଧିକାରୀମାନେ ଶିକାରୀ ଓ ସନ୍ଦିଗ୍ଧ ଙ୍କ ମୋବାଇଲ ଟ୍ରାକିଙ୍ଗ କରିପାରିବେ । ଲୋକେସନ ଟ୍ରାକ ସହ କଲ ଡିଟେଲସ ମଧ୍ୟ ଯାଂଚ କରିବା ନେଇ ରାଜ୍ୟ ସରକାର ଅନୁମତି ଦେଇଛନ୍ତି । ସହିପରି ଶିକାରୀଙ୍କ ଦମନ ପାଇଁ ଗୁଳି ଚାଳନା ପ୍ରଶିକ୍ଷଣ ନେଉଛନ୍ତି ବନ ଅଧିକାରୀ । ଏପର୍ଯ୍ୟନ୍ତ ୯୦ ଅଧିକାରୀ ଏହି ପ୍ରଶିକ୍ଷଣ ନେଇ ସାରିଥିବା ବେଳେ ଅନ୍ୟ ଅଧିକାରୀମାନେ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ନେବେ ବୋଲି ସୂଚନା ଦେଇଛନ୍ତି ପିସିସିଏଫ ସୁଶୀଲ କୁମାର ପୋପଲି ସୂଚନା ଦେଇଛନ୍ତି ।

***Balasore***

## ପଞ୍ଚାୟତରେ କର୍ମଶାଳା

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ ବାଲେଶ୍ୱର ପକ୍ଷରୁ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ପଞ୍ଚାୟତରେ ୯ବର୍ଷର ସେବା, ସୁଶାସନ, ଗରିବ କଲ୍ୟାଣ ଏବଂ ମିଶନ ଲାଇଫ୍ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଏହି କର୍ମଶାଳାରେ ଏକ ଦୁଇଦିନିଆ ଫଟୋଚିତ୍ର ପ୍ରଦର୍ଶନୀ ମଧ୍ୟ ଆୟୋଜନ ହୋଇଛି । ଏହି କାର୍ଯ୍ୟକ୍ରମରେ ଧୁଷୁରୀ ପଞ୍ଚାୟତର ସ୍ୱୟଂସହାୟିକା ଗୋଷ୍ଠୀ, ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଛନ୍ତି । ଦୁଇଦିନବ୍ୟାପୀ ଚାଲିବାକୁ ଏହି କାର୍ଯ୍ୟକ୍ରମରେ କ୍ଷେତ୍ରପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା ସଭା

ପରିଚାଳନା କରିଥିବାବେଳେ ସହଯୋଗୀ ଖଗେଶ ବାଇପାଇ ଧନ୍ୟବାଦ ଅର୍ପଣ କରିଥିଲେ ।

*I&PR*

## ବିଦ୍ୟାଳୟସ୍ତରୀୟ ଅଡିଟ୍

ସମଗ୍ର ଶିକ୍ଷା ଯୋଜନା ଅଧୀନରେ ବିଦ୍ୟାଳୟସ୍ତରୀୟ ସାମାଜିକ ଅଡିଟ୍ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସାମାଜିକ ଅଡିଟ୍ ୟୁନିଟ୍ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଶିକ୍ଷା ପାଇଁ ନିରନ୍ତର ବିକାଶ ଲକ୍ଷ୍ୟ ଯେପରିକି ଅନ୍ତର୍ଭୁକ୍ତିକରଣ, ସମାନତା, ଗୁଣାତ୍ମକ ଏବଂ ସାମଗ୍ରୀକ ବିଦ୍ୟାଳୟ ଶିକ୍ଷା ପ୍ରଦାନ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି । ସମଗ୍ର ଶିକ୍ଷା ଯୋଜନା ଏପରିକି ଏକ ସମନ୍ୱିତ ବିଦ୍ୟାଳୟ ଶିକ୍ଷା ଯୋଜନା, ଯାହା ଅଧୀନରେ ପ୍ରାକ୍ ବିଦ୍ୟାଳୟ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରହିଛି ।

ସମଗ୍ର ଦେଶରେ ଶିକ୍ଷାର ଗୁଣାତ୍ମକ ମାନରେ ବ୍ୟାପକ ବିକାଶ ଏବଂ ଉନ୍ନତି ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି । ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବାପରେ ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ରାଜ୍ୟର ପ୍ରତିବଦ୍ଧତାକୁ ଦୃଢ଼ କରିବ ବୋଲି ଆଶା କରାଯାଉଛି ।

*Desk*

# ସହିଦ ଯବାନ୍

ସିକିମ ଠାରେ ଗତ ଗୁରୁବାର ଦିନ ବାଦଲଫଟା ବର୍ଷା ଜନିତ ବନ୍ୟାରେ ସହିଦ୍ ଯବାନ ସରୋଜ ଦାସଙ୍କ ମୃତ ଦେହକୁ ଆଜି ଭୁବନେଶ୍ୱରରେ ବିମାନ ବନ୍ଦର ଅଣାଯାଇଛି। ଏଠାରେ ତାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ତାଙ୍କ ପାର୍ଥିବ ଶରୀର ପୈତୃକ ଗାଁ ଢେଙ୍କାନାଳ ଜିଲ୍ଲାର କେନ୍ଦୁଢିପିରେ ପହଁଞ୍ଚିଛି ବୋଲି ସୂଚନା ମିଳିଛି। ଆଉ କିଛି ସମୟପରେ ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ।

*********************************